ଭାରତ ସଂଘ

ବନାମ

ଏମ୍.ଏସ୍. ମହମ୍ମଦ ରାଓଥର

ଅଗଷ୍ଟ 16, 2007

[ଏ.କେ. ମାଥୁର ଏବଂ ମାର୍କଣ୍ଡେୟ କାଟଜୁ, ନ୍ୟାୟମୂର୍ତ୍ତିଦ୍ୱୟ]

*ସ୍ୱତନ୍ତ୍ରତା ସୈନିକ ସମ୍ମାନ ଅବସରକାଳୀନ ଭତ୍ତା ଯୋଜନା, 1980 :*

*ଅବସରକାଳୀନ ଭତ୍ତା ପାଇଁ ଦାବି କରିବା— ରିଟ ଆବେଦନରେ ଉଚ୍ଚ ନ୍ୟାୟାଳୟଙ୍କ ଏକକ ବିଚାରପତି, ଆବେଦନକାରୀଙ୍କ ଆବେଦନ ଉପରେ ବିଚାର କରିବାକୁ ଏବଂ ଉପଯୁକ୍ତ ଆଦେଶ ପାରିତ କରିବାକୁ ଭାରତ ସଂଘକୁ ନିର୍ଦ୍ଦେଶ ଦେଇଛନ୍ତି— ଅପିଲରେ ଖଣ୍ଡପୀଠ, ଅପିଲକାରୀଙ୍କୁ 9.9.1989 ଠାରୁ ଅବସରକାଳୀନ ଭତ୍ତା ପ୍ରଦାନ କରିବାକୁ ଭାରତ ସଂଘଙ୍କୁ ନିର୍ଦ୍ଦେଶ ଦେଇଛନ୍ତି— ଦର୍ଶାଯାଇଛି : ଏକକ ବିଚାରପତିଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ପଦ୍ଧତି ସଠିକ ଥିଲା, କାରଣ ଏହି ମାମଲାରେ ତଥ୍ୟର ଆବଶ୍ୟକ ତଦନ୍ତର ଜରୁରୀ ଥିଲା— ରାଜ୍ୟ ଏବଂ ଭାରତ ସରକାରଙ୍କର ଏହା କର୍ତ୍ତବ୍ୟ ଯେ, ସେମାନେ ଏହି ପ୍ରସଙ୍ଗରେ ଥିବା ସମସ୍ତ ତଥ୍ୟକୁ ବିଚାର କରନ୍ତୁ ଏବଂ ଯୋଜନା ଅଧୀନରେ ଅବସରକାଳୀନ ଭତ୍ତା ପ୍ରଦାନ କରିବାକୁ ଏହା ଏକ ଯୋଗ୍ୟ ମାମଲା କି ନୁହେଁ, ତାହା ନିର୍ଣ୍ଣୟ କରନ୍ତୁ— ନ୍ୟାୟାଳୟ କାର୍ଯ୍ୟ ନିର୍ବାହୀ କିମ୍ବା ଆଇନ ପ୍ରଣୟନ ପରିସର ଭିତରେ ହସ୍ତକ୍ଷେପ କରିପାରିବେ ନାହିଁ, ଏବଂ ତଥ୍ୟ ଅନୁସନ୍ଧାନର ଭୂମିକା ଗ୍ରହଣ କରିପାରିବେ ନାହିଁ— ୱେଡନ୍ସବରୀ ନୀତି ଅନୁଯାୟୀ, ଏହା କେବଳ କାର୍ଯ୍ୟନିର୍ବାହୀଙ୍କ ନିର୍ଦ୍ଦେଶକୁ ନ୍ୟାୟିକ ସମୀକ୍ଷା କରିବାର କ୍ଷମତା ରଖେ, କିନ୍ତୁ ନିଜ ପାଇଁ କାର୍ଯ୍ୟନିର୍ବାହୀଙ୍କ କ୍ଷମତା ନିଭେଇ ପାରିବ ନାହିଁ— ନ୍ୟାୟାଳୟ ଏହିପରି ପ୍ରସଙ୍ଗରେ ନ୍ୟାୟିକ ସଂଯମ ପ୍ରୟୋଗ କରିବା ଉଚିତ— ଉଚ୍ଚ ନ୍ୟାୟାଳୟଙ୍କ ଖଣ୍ଡପୀଠର ଆଦେଶକୁ ବାତିଲ କରାଯାଇଛି— ନ୍ୟାୟିକ ସମୀକ୍ଷା— ନ୍ୟାୟିକ ପ୍ରତିବନ୍ଧକ।*

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 7336/2002।

କେରଳର ଏର୍ଣ୍ଣାକୁଲମ୍ ଠାରେ ଥିବା ଉଚ୍ଚ ନ୍ୟାୟାଳୟର ରିଟ୍ ଅପିଲ ସଂଖ୍ୟା 2488/2001 ମାମଲାରେ 29.06.2001 ତାରିଖରେ ଦିଆଯାଇଥିବା ଚୂଡ଼ାନ୍ତ ରାୟ ଏବଂ ଆଦେଶନାମାରୁ।

ଅପିଲକାରୀଙ୍କ ପାଇଁ ପରମଜିତ ସିଂ ପଟୱାଲିଆ, ଅମନପ୍ରୀତ ସିଂ ରାହି, ଭି. ମୋହନା ଏବଂ ସୁଷମା ସୁରୀ ।

ଉତ୍ତରଦାତାଙ୍କ ପାଇଁ ସଞ୍ଜୟ ପାରିଖ, ଏ.ଏନ୍. ସିଂହ ଏବଂ ଜିତିନ୍ ସାହନୀ ।

ନ୍ୟାୟାଳୟଙ୍କର ଆଦେଶ ପ୍ରଦାନ କରାଯାଇଥିଲା

**ଆଦେଶ**

ପକ୍ଷମାନଙ୍କ ପାଇଁ ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଲୁ ।

ଏହି ଅପିଲ କେରଳ ଉଚ୍ଚ ନ୍ୟାୟାଳୟର ଖଣ୍ଡପୀଠଙ୍କ ଆଦେଶ ବିରୁଦ୍ଧରେ ନିର୍ଦ୍ଦେଶିତ ହୋଇଛି, ଯେଉଁଥିରେ କେରଳ ଉଚ୍ଚ ନ୍ୟାୟାଳୟର ଖଣ୍ଡପୀଠ ଭାରତ ସଂଘଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ସେମାନେ ଆବେଦନକାରୀ (ଏଠାରେ ଉତ୍ତରଦାତା)ଙ୍କୁ ତାଙ୍କ ମୂଳ ଆବେଦନରେ ଦାବି କରିଥିବା ଅନୁଯାୟୀ 09.09.1989 ଠାରୁ ପ୍ରଭାବି ହେଉଥିବା ସ୍ୱତନ୍ତ୍ରତା ସମ୍ମାନ ସୈନିକ ଅବସରକାଳୀନ ଭତ୍ତା (ସଂକ୍ଷେପରେ ଏସ୍.ଏସ୍.ଏସ୍. ଅବସରକାଳୀନ ଭତ୍ତା) ପ୍ରଦାନ କରନ୍ତୁ ଏବଂ ଏହି ରାଶି ଦୁଇ ମାସ ମଧ୍ୟରେ ପ୍ରଦାନ କରାଯାଉ ।

ଏହି ଆଦେଶରେ ବ୍ୟଥିତ ହୋଇ ଭାରତ ସଂଘଙ୍କ ପକ୍ଷରୁ ଏହି ଅପିଲ ଦାଖଲ କରାଯାଇଛି ।

ଆମେ ପକ୍ଷମାନଙ୍କ ପାଇଁ ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଛୁ ଏବଂ ନଥିକୁ ଅନୁଧ୍ୟାନ କରିଛୁ ।

ଖଣ୍ଡପୀଠ ମାନ୍ୟବର ଏକକ ବିଚାରପତିଙ୍କ ଦ୍ୱାରା ପାରିତ ହୋଇଥିବା ଆଦେଶ ବିରୁଦ୍ଧରେ ଏକ ଅପିଲର ଶୁଣାଣି କରୁଥିଲେ, ଯେଉଁଥିରେ ମାନ୍ୟବର ଏକକ ବିଚାରପତି ଭାରତ ସଂଘଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ, ସେମାନେ ରିଟ୍ ଆବେଦନକାରୀଙ୍କୁ ଏସ୍ଏସ୍ଏସ୍ ଅବସରକାଳୀନ ଭତ୍ତା ପ୍ରଦାନ କରିବା ପାଇଁ ତାଙ୍କ ଆବେଦନ ଉପରେ ବିଚାର କରି ଉପଯୁକ୍ତ ଆଦେଶ ପାରିତ କରନ୍ତୁ । ମାନ୍ୟବର ଏକକ ବିଚାରପତି Exh.P-6 ଏବଂ Exh.P-8 (ଅବସରକାଳୀନ ଭତ୍ତା ପାଇଁ ଆବେଦନକାରୀଙ୍କ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ଭାରତ ସଂଘଙ୍କ ଦ୍ୱାରା ପାରିତ ଆଦେଶ)କୁ ବାତିଲ କରିଥିଲେ ଏବଂ ଏସ୍. ଏସ୍. ଏସ୍. ଅବସରକାଳୀନ ଭତ୍ତା ମଞ୍ଜୁର କରିବା ପାଇଁ ତାଙ୍କ ଅନୁରୋଧକୁ ବିଚାର କରିବା ପାଇଁ ଉତ୍ତରଦାତାଙ୍କୁ ଆବଶ୍ୟକ ସୁଯୋଗ ଦେବା ପରେ ମାମଲାକୁ ନୂତନ ଭାବେ ବିଚାର କରିବା ପାଇଁ ଭାରତ ସଂଘଙ୍କ ନିକଟକୁ ପଠାଇଥିଲେ । ଏହି ଆଦେଶରେ

ବ୍ୟଥିତ ହୋଇ, ଅପିଲକାରୀ ଖଣ୍ଡପୀଠଙ୍କ ନିକଟରେ ଏହି ମାମଲା ଦାଖଲ କରିଥିଲେ, ଯାହା ଉପରେ ଖଣ୍ଡପୀଠ ଏହି ଆକ୍ଷେପିତ ଆଦେଶ ପ୍ରଦାନ କରିଥିଲେ । ତେଣୁ ଭାରତ ସଂଘ ଦ୍ୱାରା ବର୍ତ୍ତମାନର ଅପିଲ ।

ଆମେ ପକ୍ଷମାନଙ୍କ ପାଇଁ ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଛୁ ଏବଂ ନଥିକୁ ଅନୁଧ୍ୟାନ କରିଛୁ । ଆମର ମତ ହେଉଛି ଯେ, ବିଜ୍ଞ ଏକକ ବିଚାରପତିଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ପଦ୍ଧତି ସଠିକ ଥିଲା ଏବଂ ସ୍ୱାଧୀନତା ସଂଗ୍ରାମୀଙ୍କ ଅବସରକାଳୀନ ଭତ୍ତା ପ୍ରଦାନର ପ୍ରଶ୍ନକୁ ନୂତନ ଭାବରେ ନିଷ୍ପତ୍ତି ନେବା ପାଇଁ ଏହି ମାମଲା ଭାରତ ସଂଘକୁ ପଠାଯିବା ଉଚିତ ଥିଲା । ଏହି ପଦବୀଧାରୀ ବ୍ୟକ୍ତି ଏସ୍.ଏସ୍.ଏସ୍. ଅବସରକାଳୀନ ଭତ୍ତା ପାଇବାକୁ ଯୋଗ୍ୟ କି ନୁହେଁ, ସେ ସମ୍ବନ୍ଧରେ ତଥ୍ୟର ଆବଶ୍ୟକ ତଦନ୍ତ କରିବା ଜରୁରୀ ଥିଲା । ନ୍ୟାୟାଳୟ କାର୍ଯ୍ୟ ନିର୍ବାହୀ କିମ୍ବା ଆଇନ ପ୍ରଣୟନ ପରିସର ଭିତରେ ହସ୍ତକ୍ଷେପ କରିପାରିବେ ନାହିଁ, ଏବଂ ତଥ୍ୟ ଅନୁସନ୍ଧାନର ଭୂମିକା ଗ୍ରହଣ କରିପାରିବେ ନାହିଁ । ଏସ୍.ଏସ୍.ଏସ୍. ଅବସରକାଳୀନ ଭତ୍ତା ଯୋଜନା, 1980 ଅନୁଯାୟୀ ଅବସରକାଳୀନ ଭତ୍ତା ମଞ୍ଜୁର କରିବା ଯୋଗ୍ୟ ମାମଲା କି ନୁହେଁ, ସେହି ବିଷୟରେ ଥିବା ସମସ୍ତ ତଥ୍ୟକୁ ବିଚାର କରିବା ରାଜ୍ୟ ଏବଂ ଭାରତ ସଂଘଙ୍କ କର୍ତ୍ତବ୍ୟ ଅଟେ । ୱେଡନ୍ସବରୀ ନୀତି ଅନୁଯାୟୀ, ନ୍ୟାୟାଳୟ କେବଳ କାର୍ଯ୍ୟନିର୍ବାହୀଙ୍କ ନିର୍ଦ୍ଦେଶକୁ ନ୍ୟାୟିକ ସମୀକ୍ଷା କରିବାର କ୍ଷମତା ରଖେ, କିନ୍ତୁ ନିଜ ପାଇଁ କାର୍ଯ୍ୟନିର୍ବାହୀଙ୍କ କ୍ଷମତା ନିଭେଇ ପାରିବେ ନାହିଁ । ୱେଡନ୍ସବରୀ ନୀତି ଅନୁଯାୟୀ, ଯଦି ଭାରତ ସଂଘଙ୍କ ଦ୍ୱାରା ପାରିତ ଆଦେଶ ନ୍ୟାୟସଙ୍ଗତ ନୁହେଁ, ତେବେ ନ୍ୟାୟାଳୟ କେବଳ ଏହାକୁ ରଦ୍ଦ କରିପାରିବ ଏବଂ ଏକ ନୂତନ ନିଷ୍ପତ୍ତି ପାଇଁ ମାମଲାକୁ କାର୍ଯ୍ୟନିର୍ବାହୀଙ୍କ ନିକଟକୁ ଫେରାଇ ପାରିବ, କିନ୍ତୁ ନ୍ୟାୟାଳୟ ଭାରତ ସଂଘଙ୍କ କ୍ଷମତା ଆପଣେଇ ପାରିବେ ନାହିଁ । ଏଭଳି ପ୍ରସଙ୍ଗରେ ନ୍ୟାୟାଳୟ ନ୍ୟାୟିକ ସଂଯମ ଅବଲମ୍ବନ କରିବା ଉଚିତ ଅଟେ । ସମ୍ବିଧାନ ଅନୁଯାୟୀ କ୍ଷମତାର ବ୍ୟାପକ ପୃଥକୀକରଣ ରହିଛି, ଏବଂ ରାଜ୍ୟର ଗୋଟିଏ ଅଙ୍ଗ ସାଧାରଣତଃ ଅନ୍ୟର କ୍ଷେତ୍ରକୁ ହସ୍ତକ୍ଷେପ କରିବା ଉଚିତ ନୁହେଁ । ମଣ୍ଟେସ୍କ୍ୟୁଙ୍କ ନୀତି ଭାରତରେ ମଧ୍ୟ ବ୍ୟାପକ ଭାବରେ ପ୍ରଯୁଜ୍ୟ ଅଟେ ।

ତଦନୁସାରେ, ଆମେ ଖଣ୍ଡପୀଠଙ୍କ ଆଦେଶକୁ ରଦ୍ଦ କରିଛୁ ଏବଂ ଏହି ମାମଲାକୁ ଭାରତ ସଂଘକୁ ଫେରାଇ ଦେଉଛୁ । ଭାରତ ସଂଘ ଆଜିଠାରୁ ସର୍ବାଧିକ ଛଅ ମାସ ମଧ୍ୟରେ ଆଇନ ଅନୁଯାୟୀ ବିଚାର କରି ଏକ ଉପଯୁକ୍ତ ଆଦେଶ ପାରିତ କରିବେ ।

ଆମକୁ ଅବଗତ କରାଯାଇଛି ଯେ, ଏଠାରେ ଥିବା ଉତ୍ତରଦାତାଙ୍କର ପୂର୍ବରୁ ଦେହାନ୍ତ ହୋଇସାରିଛି । ଯଦି ଏହା ଜଣାପଡ଼େ ଯେ, ସେ ଅବସରକାଳୀନ ଭତ୍ତା ପାଇବାକୁ ହକଦାର ଥିଲେ, ତେବେ ତାଙ୍କର ସମସ୍ତ ବକେୟା ପରିମାଣ ଗଣନା କରାଯିବ ଏବଂ ତାହା ତାଙ୍କ ଆଇନଗତ ଉତ୍ତରାଧିକାରୀମାନଙ୍କୁ ଦିଆଯିବ ।

ସେହି ଅନୁଯାୟୀ ଅପିଲଟିର ପରିସମାପ୍ତି କରାଯାଇଥାଏ ।

ଆର୍.ପି. ଅପିଲଟିର ପରିସମାପ୍ତି ହୋଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ।"

**ଅନୁବାଦକ**

କଲ୍ୟାଣକର ସାହୁ

ଓଡ଼ିଶା ଉଚ୍ଚ ନ୍ୟାୟାଳୟ